# ଓଡିଶା ରାଜ୍ୟ

*ବନାମ*

# ନଳିନିକାନ୍ତ ମୁଦୁଲି

## ଅଗଷ୍ଟ 12, 2004

## [ଅରିଜିତ୍ ପଶାୟତ ଏବଂ ସି. କେ. ଥାକର୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 - ଧାରା 482 - ଅଗ୍ରାହ୍ୟ ରାୟ ଉପରେ ନିର୍ଭର କରି ଉଚ୍ଚ ନ୍ୟାୟାଳୟ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିଦେଇଥିଲେ – ଆବେଦନ ଉପରେ, ସାନି ରାୟ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ମାମଲା ପଠାଯାଇଥିଲା*

*ବୃତ୍ତିଗତ ଆଚରଣ - ଅଗ୍ରାହ୍ୟ ରାୟକୁ ଉଦ୍ଧୃତ କରିବା - ନିର୍ଣ୍ଣୟ କରିଥିଲେ: ସେହି ଉଚ୍ଚ ନ୍ୟାୟାଳୟଙ୍କର ବୃହତ ବିଚାରପୀଠ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହାକୁ ଅଗ୍ରାହ୍ୟ କରାଯାଇଥିବା ତଥ୍ୟକୁ ପ୍ରକାଶ ନକରି ଅଗ୍ରାହ୍ୟ କରାଯାଇଥିବା ଏକ ରାୟକୁ ଉଲ୍ଲେଖ କରିବା ଏକ ଗମ୍ଭୀର ଚିନ୍ତାର ବିଷୟ – ଅଧିବକ୍ତା ସଂଘ ସଦସ୍ୟ, ଯେହେତୁ ନ୍ୟାୟାଳୟଙ୍କର ଅଧିକାରୀ ନ୍ୟାୟାଳୟକୁ ସହାୟତା କରିବା ଏବଂ ଏହାକୁ ବିଭ୍ରାନ୍ତ ନ କରିବା ଏକ ବାଧ୍ୟତାମୂଳକ କର୍ତ୍ତବ୍ୟ ।*

**ଅଭିଯୋଗ ଫର୍ଦ୍ଦ ରଦ୍ଦ କରିବା; ଆଇପିସି ଅନୁଯାୟୀ ଅପରାଧର ସଜ୍ଞାନ ନେଇଥିବା ଆଦେଶକୁ ରଦ୍ଦ କରିବା ଏବଂ ବ୍ୟକ୍ତିଗତ ଉପସ୍ଥିତିକୁ ପ୍ରତ୍ୟାହାର କରିବା ନିମିତ୍ତ ପ୍ରାର୍ଥନାକୁ ପ୍ରତ୍ୟାଖ୍ୟାନ କରି ହୋଇଥିବା ଆଦେଶଗୁଡିକୁ ରଦ୍ଦ କରିବା ଏବଂ ଅଣ - ଜାମିନଯୋଗ୍ୟ ଗିରଫ ପର ୱାନା ପ୍ରତ୍ୟାହାର କରିବା ପାଇଁ ଉତ୍ତରଦାତା – ଅଭିଯୁକ୍ତ ସି.ଆର.ପି.ସି ର ଧାରା 482 ଅନୁଯାୟୀ ଆବେଦନ ଦାଖଲ କରିଥିଲେ । ଅନ୍ୟ ଏକ ଆବେଦନ ସି.ଆର.ପି. ସି ର ଧାରା 482 ଅନୁଯାୟୀ ଏହି ଆଧାରରେ ଦାଖଲ କରାଯାଇଥିଲା ଯେ ସମ୍ପୃକ୍ତ ଅନୁସନ୍ଧାନକାରୀ ଅଧିକାରୀଙ୍କ ପାଖରେ ଏହି ମାମଲାର ତଦନ୍ତ କରିବାର କୌଣସି ଅଧିକାରିତା ନଥିଲା । ଜେ.ଏ.ସି. ସାଲଦାନହା ବନାମ ଆରକ୍ଷୀ ମହାନିରୀକ୍ଷକ** *ବିହାର, ପାଟନା ଏବଂ ଅନ୍ୟମାନେ, **(1979) ଆଇଏଲ୍ଆର୍ (ପାଟନା) 459** ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା* ପାରିତ **ରାୟ ଉପରେ ନିର୍ଭର କରି ଉଚ୍ଚ ନ୍ୟାୟାଳୟ କାର୍ଯ୍ୟାନୁଷ୍ଠାନକୁ** ରଦ୍ଦ କରିଦେଇଥିଲେ ।

**ଆବେଦନରେ, ଆବେଦନକାରୀ - ରାଜ୍ୟ ଯୁକ୍ତି ଦର୍ଶାଇଥିଲେ ଯେ ଏହି ରାୟ ଉପରେ ନିର୍ଭରଶୀଳତା କୌଣସି ଫଳପ୍ରଦ ନୁହେଁ ଯେହେତୁ ବିହାର** ***ରାଜ୍ୟ ଏବଂ ଅନ୍ୟଜଣେ ବନାମ ଜେ. ଏ. ସି. ସଲଦାନ୍ହା ଏବଂ*** *ଅନ୍ୟମାନେ ଇତ୍ୟାଦି* **[1980] 1 ଏସ୍ ସି ସି 554** ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ତାହାକୁ ରଦ୍ଦ କରାଯାଇଥିଲା /

**ଆବେଦନକୁ ଅନୁମତି ଦେଇ ନ୍ୟାୟାଳୟ**

**ବିଚାର କରିଛନ୍ତି: ଏହା ଆଶ୍ଚର୍ଯ୍ୟଜନକ ଯେ ପ୍ରାୟ ଶତାବ୍ଦୀର ଏକ ଚତୁର୍ଥାଂଶ ପୂର୍ବରୁ ଏହି ନ୍ୟାୟାଳୟ ଦ୍ୱାରା ଅଗ୍ରାହ୍ୟ ହୋଇଥିବା ଏକ ନିର୍ଣ୍ଣୟ ଅଧିବକ୍ତା ସଂଘ ଦ୍ୱାରା ଉଦ୍ଧୃତ ହୋଇଥିଲା ଏବଂ ନ୍ୟାୟାଳୟ ଏହି ସ୍ଥିତି ଉପରେ ଟିପ୍ପଣୀ**

ଦେଇନଥିଲେ ଏବଂ ଉକ୍ତ ଅଗ୍ରାହ୍ୟ ନିର୍ଣ୍ଣୟ ଉପରେ ନିର୍ଭର କରି ମାମଲାର ସମାଧାନ କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କର ରାୟକୁ ପ୍ରତ୍ୟାଖ୍ୟାନ କରି ଏହି ନ୍ୟାୟାଳୟଙ୍କର ନିର୍ଣ୍ଣୟକୁ ଏକକ ନ୍ୟାୟମୂର୍ତ୍ତିଙ୍କ ଦୃଷ୍ଟିକୁ ଅଣାଯାଇ ନଥିଲା । ଅଧିବକ୍ତା ସଂଘ ର ସଦସ୍ୟମାନେ ହେଉଛନ୍ତି ନ୍ୟାୟାଳୟଙ୍କର ଅଧିକାରୀ । ନ୍ୟାୟାଳୟକୁ ସହାୟତା କରିବା ଏବଂ ଏହାକୁ ବିଭ୍ରାନ୍ତ ନ କରିବା ସେମାନଙ୍କର ଏକ ବାଧ୍ୟତାମୂଳକ କର୍ତ୍ତବ୍ୟ । ଏକ ନ୍ୟାୟାଳୟଙ୍କର ରାୟକୁ ଉଦ୍ଧୃତ କରିବା ଯାହା ସେହି ଉଚ୍ଚ ନ୍ୟାୟାଳୟଙ୍କର ଏକ ବୃହତ ବିଚାରପୀଠ କିମ୍ବା ଏହି ନ୍ୟାୟାଳୟ ଦ୍ୱାରା ଅଗ୍ରାହ୍ୟ କରାଯାଇଥିବା ତଥ୍ୟ ପ୍ରକାଶ ନକରିବା ଏହା ଏକ ଗମ୍ଭୀର ଚିନ୍ତାର ବିଷୟ । ଏହା ଗୋଟିଏ କଥା ଯେ ନ୍ୟାୟାଳୟ ପୂର୍ବ ନିଷ୍ପତ୍ତି ଅଗ୍ରାହ୍ୟ ହୋଇଥିବା ତଥ୍ୟ ଧ୍ୟାନ୍ୟ କରନ୍ତି ଏବଂ ଏହା ଉପରେ ବିଚାର କରାଯାଉଥିବା ତଥ୍ୟଗୁଡିକ ପାଇଁ ପରବର୍ତ୍ତୀ ରାୟର ପ୍ରଯୁଜ୍ୟତା ଉପରେ ନିଷ୍ପତ୍ତି  ନିଅନ୍ତି । ଏହି ପ୍ରସଙ୍ଗକୁ ଅତି ସାଧାରଣ ଭାବେ ବ୍ୟବହାର କରାଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଉତ୍ତରଦାତା ଓକିଲଙ୍କ କର୍ତ୍ତବ୍ୟ ଥିଲା ଯେ ସେ ନ୍ୟାୟାଳୟଙ୍କ ଦୃଷ୍ଟିକୁ ଆଣିବେ ଯେ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆବେଦନକାରୀଙ୍କ ଦ୍ୱାରା ନିର୍ଭର କରାଯାଇଥିବା ନିଷ୍ପତ୍ତି ଏହି ନ୍ୟାୟାଳୟଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଛି । ଅଧିକନ୍ତୁ, ଉଚ୍ଚ ନ୍ୟାୟାଳୟରେ ଆବେଦନକାରୀଙ୍କ ତରଫରୁ ହାଜର ହେଉଥିବା ଓକିଲଙ୍କ କର୍ତ୍ତବ୍ୟ ଥିଲା ଯେ ସେ ଏକ ଅଗ୍ରାହ୍ୟ ରାୟ ଉଲ୍ଲେଖ କରିବା କଥା ନୁହେଁ । ଏହା ନୁହେଁ ଯେ ନିଷ୍ପତ୍ତି ପ୍ରାଚୀନ କାଳରେ ହିଁ ହଜିଯାଇଛି । ଏହା ରୂପାୟିତ ହେବା ପରଠାରୁ ଏହା ବହୁ ସଂଖ୍ୟକ ମାମଲାରେ ଉଲ୍ଲେଖ କରାଯାଇଛି ।

**2. ଏହି ମାମଲାକୁ ପୁନର୍ବାର ଉଚ୍ଚ ନ୍ୟାୟାଳୟକୁ ପଠାଯାଏ ଯାହା ଦ୍ୱାରା ଏହା ନୂତନ ଭାବରେ ଦରଖାସ୍ତର ବିଚାର କରିପାରିବ ଏବଂ ଅନ୍ୟ ସମସ୍ତ ପ୍ରାସଙ୍ଗିକ ଦିଗକୁ ଧ୍ୟାନରେ ରଖି ଯୋଗ୍ୟତା ଉପରେ ନିର୍ଣ୍ଣୟ ନେଇପାରିବ ।**

ଅପରାଧିକ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 870-872/2004 ।

ସିଆରଏଲ୍.ଏମ୍ ସଂଖ୍ୟା 306, 141 and 149 of 2003 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର 25.4.2003 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ରାଧା ଶ୍ୟାମ ଜେନା ।

ଉତ୍ତରଦାତାଙ୍କ ପାଇଁ ଜନ କଲ୍ୟାଣ ଦାସ ।

ନ୍ୟାୟାଳୟଙ୍କର ରାୟ **ଅରିଜିତ୍ ପଶାୟତ, ନ୍ୟାୟମୂର୍ତ୍ତିଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ଜଣେ ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 (ସଂକ୍ଷେପରେ, 'କୋଡ୍') ର ଧାରା 482 ଅନୁଯାୟୀ ଦାଖଲ ହୋଇଥିବା ତିନୋଟି ଦରଖାସ୍ତର ସମାଧାନ କରି ଦିଆଯାଇଥିବା ରାୟର ବୈଧତା ଉପରେ ଓଡ଼ିଶା ରାଜ୍ୟ ପ୍ରଶ୍ନ କରିଛି । ଆବେଦନଗୁଡ଼ିକ ଅନ୍ୟ ବିଷୟଗୁଡ଼ିକ ମଧ୍ୟରେ

ଦାଖଲ କରାଯାଇଥିଲା - (1) ଅନୁସନ୍ଧାନକାରୀ ଅଧିକାରୀ (ଦୁର୍ନୀତି ନିବାରଣ ପ୍ରକୋଷ୍ଠ) ଭୁବନେଶ୍ୱରଙ୍କ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ ଫର୍ଦ୍ଦ ରଦ୍ଦ କରିବା; (2) ଭାରତୀୟ ଦଣ୍ଡ ସଂହିତା, 1860ର ଧାରା 468, 471 ଏବଂ 420 (ସଂକ୍ଷେପରେ 'ଆଇପିସି') ଅନୁଯାୟୀ ଦଣ୍ଡନୀୟ ଅପରାଧକୁ ସଜ୍ଞାନକୁ ନେଇ 9.12.2002 ତାରିଖର ଆଦେଶ ରଦ୍ଦ କରିବା ; ଏବଂ (3) ସଂହିତାର ଧାରା 205 ଅନୁଯାୟୀ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ପାରିତ ଆଦେଶ ରଦ୍ଦ କରିବା ଏବଂ ଅଣ - ଜାମିନଯୋଗ୍ୟ ଗିରଫ ପରୱାନା କରିବାକୁ ନିର୍ଦ୍ଦେଶ ଦେଇଥିବା ଆଦେଶ ପ୍ରତ୍ୟାହାର କରିବା ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା । ଉଲ୍ଲେଖଯୋଗ୍ୟ ଯେ, ଭିଜିଲାନ୍ସ ଜି.ଆର. ସଂଖ୍ୟା 17/2001 ମାମଲାଟି ପ୍ରାସଙ୍ଗିକ ସମୟରେ ସ୍ୱତନ୍ତ୍ର ସି. ଜେ. ଏମ. (ଭିଜିଲାନ୍ସ) ନ୍ୟାୟାଳୟ, ଭୁବନେଶ୍ୱରରେ ବିଚାରାଧୀନ ଥିଲା । ମକଦ୍ଦମାର ପ୍ରାରମ୍ଭରେ ପୋଲିସ୍ ଇନ୍ସପେକ୍ଟର, ଭିଜିଲାନ୍ସ୍ ସେଲ୍, ୟୁନିଟ୍ ଅଫିସ୍, ଭୁବନେଶ୍ୱରଙ୍କ ଦ୍ୱାରା ତା 29.5.2001 ରିଖରେ ପ୍ରଥମ ସୁଚନା ରିପୋର୍ଟ ପ୍ରସ୍ତୁତ ହୋଇଥିଲା । ଯଦିଓ ଅନେକ ସରକାରୀ ଅଧିକାରୀଙ୍କୁ ଆଇପିସି ଏବଂ ଦୁର୍ନୀତି ନିବାରଣ ଅଧିନିୟମ 1988 (ସଂକ୍ଷେପରେ 'ପିସି ଅଧିନିୟମ') ଅନୁଯାୟୀ ଅପରାଧ ପାଇଁ ଅଭିଯୁକ୍ତ କରାଯାଇଥିଲା, ଅଭିଯୁକ୍ତଙ୍କ ଅନୁଯାୟୀ ଅନୁସନ୍ଧାନକାରୀ ଅଧିକାରୀ ସରକାରୀ ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ ଆଣିବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ପାଇ ନାହାଁନ୍ତି ଏବଂ ଆରୋପ ପତ୍ରରେ କେବଳ ବର୍ତ୍ତମାନର ଅଭିଯୁକ୍ତ ଉତ୍ତରଦାତା ସମ୍ପୃକ୍ତ ଥିଲେ । ଯେହେତୁ ସଜ୍ଞାନ ଗ୍ରହଣ କରାଯାଇଥିଲା ଏବଂ ବ୍ୟକ୍ତିଗତ ଉପସ୍ଥିତି ଏବଂ ଜାରି ହୋଇଥିବା ଅଣ - ଜାମିନଯୋଗ୍ୟ ଗିରଫ ପରୱାନା ପ୍ରତ୍ୟାହାର କରିବା ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା, ସଂହିତାର ଧାରା 482 ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଦରଖାସ୍ତଗୁଡିକୁ ଦାଖଲ କରାଯାଇଥିଲା । ସଂହିତାର ଧାରା 482 ଅନୁଯାୟୀ ଏକ ପୃଥକ ଦରଖାସ୍ତ ଦାଖଲ କରାଯାଇଥିଲା ଯେଉଁଥିରେ ଦର୍ଶାଯାଇଥିଲା ଯେ ସମ୍ପୃକ୍ତ ଅନୁସନ୍ଧାନକାରୀ ଅଧିକାରିତାଙ୍କ ପାଖରେ ଏହି ମାମଲାର ତଦନ୍ତ କରିବାର କୌଣସି ଅଧିକାରିତା ନାହିଁ ଏବଂ ତେଣୁ, ବିଚାର କରୁଥିବା ନ୍ୟାୟାଳୟ ସମ୍ମୁଖରେ ନ୍ୟାୟିକ ଅଧିକାରିତା ବିନା କାର୍ଯ୍ୟାନୁଷ୍ଠାନକୁ ବ୍ୟର୍ଥ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଶେଷ ବର୍ଣ୍ଣିତ ଆବେଦନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରିଥିଲେ ଏବଂ ଅନ୍ୟଗୁଡ଼ିକୁ ପରିଣାମମୂଳକ ବୋଲି ଗ୍ରହଣ କରିଥିଲେ । ଆକ୍ଷେପିତ ରାୟ ଦ୍ୱାରା ଉଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ତଦନ୍ତ ଅନଧିକୃତ ଥିଲା ଏବଂ ତେଣୁ କାର୍ଯ୍ୟାନୁଷ୍ଠାନଗୁଡିକ ବ୍ୟର୍ଥ ହୋଇଯାଇଥିଲା । ପାଟନା ଉଚ୍ଚ ନ୍ୟାୟାଳୟଙ୍କର ଏକ ନିଷ୍ପତ୍ତି *ଜେ.ଏ.ସି. ସଲାଦାନ୍ହା ବନାମ ଆରକ୍ଷୀ ମହାନିରୀକ୍ଷକ ବିହାର, ପାଟନା ଏବଂ ଅନ୍ୟମାନେ,* (1979) ଆଇ.ଏଲ୍.ଆର୍. ପାଟନା 459 ଉପରେ ଭରସା କରାଯାଇଥିଲା । ତଦନୁସାରେ, କାର୍ଯ୍ୟାନୁଷ୍ଠାନକୁ ବାତିଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଅନ୍ୟ ଦରଖାସ୍ତ ଗୁଡିକ ପୃଥକ ଭାବେ ବିଚାର କରିବାର ଆବଶ୍ୟକତା ନାହିଁ ବୋଲି ଭାବିଲେ ।

ଆବେଦନକୁ ସମର୍ଥନ କରି ରାଜ୍ୟ ତରଫରୁ ବିଜ୍ଞ ଓକିଲ ନିବେଦନ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କର ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଭୁଲ ଥିଲା । ପାଟନା ଉଚ୍ଚ ନ୍ୟାୟାଳୟଙ୍କର ନିଷ୍ପତ୍ତି ଉପରେ ନିର୍ଭରଶୀଳତା, ଯାହା ଉପରେ ଉଲ୍ଲେଖ କରାଯାଇଛି, ପ୍ରକୃତରେ କୌଣସି ପରିଣାମମୂଳକ ନଥିଲା, କାରଣ *ବିହାର ରାଜ୍ୟ ଏବଂ ଅନ୍ୟଜଣେ ବନାମ ଜେ. ଏ. ସି. ସଲଦାନ୍ହା ଏବଂ ଅନ୍ୟାନ୍ୟ,* [1980] 1 ଏସ.ସି.ସି. 554 ମାମଲାରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଏହି ରାୟକୁ ବାତିଲ କରିଦିଆଯାଇଛି ।

ଆବେଦନକାରୀ - ରାଜ୍ୟ ପାଇଁ ବିଜ୍ଞ ଓକିଲ ପୁନଶ୍ଚ ନିବେଦନ କରିଥିଲେ ଯେ ପାଟନା ଉଚ୍ଚ ନ୍ୟାୟାଳୟଙ୍କର ନିର୍ଣ୍ଣୟ, ଯାହା ଉପରେ କରାଯାଇଥିବା ନିର୍ଭରଶୀଳତାକୁ ଏହି ନ୍ୟାୟାଳୟଙ୍କ ଦ୍ୱାରା ରଦ୍ଦ କରାଯାଇଛି ତାହା ଉପରେ ଉଲ୍ଲେଖ କରାଯାଇଛି ଏବଂ ଦୁର୍ଭାଗ୍ୟବଶତଃ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହି ନ୍ୟାୟାଳୟଙ୍କର ରାୟର ପ୍ରଭାବ ବିଷୟରେ ବିଚାର କରାଯାଇ ନଥିଲା ।

*ବିପରୀତରେ* ଉତ୍ତରଦାତାଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଓକିଲ ଦର୍ଶାଇଥିଲେ ଯେ ସମଗ୍ର ମାମଲାଟି ରାଜନୈତିକ ଷଡଯନ୍ତ୍ର ଏବଂ ଦୁର୍ବୋଧତାର ପରିଣାମ ଥିଲା । ଯଦି ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନଥିଲା, ତେବେ ଏହା ଆଶ୍ଚର୍ଯ୍ୟଜନକ ଯେ କେବଳ ଉତ୍ତରଦାତାଙ୍କୁ ଚୟନ କରାଯାଇଥିଲା ଏବଂ ତାଙ୍କ ବିରୋଧରେ ବିଭିନ୍ନ ଅପରାଧରେ ଅଭିଯୋଗ କରାଯାଇଥିଲା । ତେଣୁ ଉଚ୍ଚ ନ୍ୟାୟାଳୟଙ୍କର ଆଦେଶରେ କୌଣସି ହସ୍ତକ୍ଷେପର ଆବଶ୍ୟକତା ନାହିଁ ବୋଲି ଦର୍ଶାଯାଇଥିଲା ।

ଏହା ଆଶ୍ଚର୍ଯ୍ୟଜନକ ଯେ ଶତାବ୍ଦୀର ପ୍ରାୟ ଏକ ଚତୁର୍ଥାଂଶ ପୂର୍ବରୁ ଏହି ନ୍ୟାୟାଳୟ ଦ୍ୱାରା ଅଗ୍ରାହ୍ୟ ହୋଇଥିବା ଏକ ନିର୍ଣ୍ଣୟ ଅଧିବକ୍ତା ସଂଘ ଦ୍ୱାରା ଉଦ୍ଧୃତ ହୋଇଥିଲା ଏବଂ ନ୍ୟାୟାଳୟ ଏହି ସ୍ଥିତିକୁ ଟିପ୍ପଣୀ ଦେଇନଥିଲେ ଏବଂ ଉକ୍ତ ଅଗ୍ରାହ୍ୟ ନିର୍ଣ୍ଣୟ ଉପରେ ନିର୍ଭର କରି ମାମଲାର ସମାଧାନ କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କର ରାୟକୁ ପ୍ରତ୍ୟାଖ୍ୟାନ କରି ଏହି ନ୍ୟାୟାଳୟଙ୍କର ନିର୍ଣ୍ଣୟକୁ ଏହି ମାମଲାର ପରିଚାଳନା କରୁଥିବା ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କର ଦୃଷ୍ଟିକୁ ଅଣାଯାଇଥିଲା ବୋଲି ଜଣାପଡୁନାହିଁ । ଏହା ଏକ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ପରିସ୍ଥିତି ଯେ ଅଭିଯୁକ୍ତଙ୍କ ପାଇଁ ବିଦ୍ୱାନ ଓକିଲ, ଯିଏ ନିର୍ଣ୍ଣୟ ଜାଣିବା କଥା, ଏହି ଦିଗକୁ ବିଦ୍ୱାନ ଏକକ ବିଚାରପତିଙ୍କ ଦୃଷ୍ଟିକୁ ଆଣିନଥିଲେ । ଅଧିବକ୍ତା ସଂଘର ସଦସ୍ୟମାନେ ହେଉଛନ୍ତି ନ୍ୟାୟାଳୟର ଅଧିକାରୀ । ନ୍ୟାୟାଳୟକୁ ସହାୟତା କରିବା ଏବଂ ଏହାକୁ ବିଭ୍ରାନ୍ତ ନ କରିବା ସେମାନଙ୍କର ଏକ ବାଧ୍ୟତାମୂଳକ କର୍ତ୍ତବ୍ୟ । ଏକ ନ୍ୟାୟାଳୟଙ୍କର ରାୟକୁ ଉଦ୍ଧୃତ କରିବା ଯାହା ସେହି ଉଚ୍ଚ ନ୍ୟାୟାଳୟଙ୍କର ଏକ ବୃହତ ବିଚାରପୀଠ କିମ୍ବା ଏହି ନ୍ୟାୟାଳୟ ଦ୍ୱାରା ଏହାକୁ ଅଗ୍ରାହ୍ୟ କରାଯାଇଥିବା ତଥ୍ୟ ପ୍ରକାଶ ନକରି ଉପସ୍ଥାପିତ କରିବା ଏକ ଗମ୍ଭୀର ଚିନ୍ତାର ବିଷୟ । ଏହା ଗୋଟିଏ କଥା ଯେ ନ୍ୟାୟାଳୟ ପୂର୍ବ ନିର୍ଣ୍ଣୟକୁ ନାମଞ୍ଜୁର କରିବା ରାୟକୁ ଧ୍ୟାନ ପୂର୍ବକ ଦେଖନ୍ତି ଏବଂ ଏହି ତଥ୍ୟ ଉପରେ ବିଚାର କରି ପରବର୍ତ୍ତୀ ରାୟର ପ୍ରୟୋଗ ଉପରେ ନିର୍ଣ୍ଣୟ ନିଅନ୍ତି । ଏହା ମଧ୍ୟ ଦେଖାଯାଏ ନାହିଁ ଯେ ଉଚ୍ଚ ନ୍ୟାୟାଳୟରେ ଉତ୍ତରଦାତାଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ଓକିଲ ଏହି ନ୍ୟାୟାଳୟର ରାୟ ବିଷୟରେ ଉଲ୍ଲେଖ କରିନଥିଲେ । ଏସବୁରୁ ଜଣାପଡ଼େ ଯେ ଏହି ପ୍ରସଙ୍ଗକୁ ଅତି ସାଧାରଣ ଭାବେ ବ୍ୟବହାର କରାଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କର ରାୟରୁ ଏହା ଲକ୍ଷ୍ୟ କରାଯାଏ ଯେ ଶୁଣାଣି ତା 13.3.2003 ରିଖରେ ସମାପ୍ତ ହୋଇଥିଲା ଏବଂ ରାୟ ତା 25.4.2003 ରିଖରେ ପ୍ରଦାନ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଉତ୍ତରଦାତା ପାଇଁ ଓକିଲଙ୍କର ନିଶ୍ଚିତ ଭାବରେ ଏହା କର୍ତ୍ତବ୍ୟ ଥିଲା ଯେ ଆବେଦନକାରୀ ଦ୍ୱାରା ନିର୍ଭର କରାଯାଇଥିବା ନିର୍ଣ୍ଣୟ ଏହି ନ୍ୟାୟାଳୟ ଦ୍ୱାରା ନାମଞ୍ଜୁର ହୋଇଛି ଏହା ନ୍ୟାୟାଳୟଙ୍କର ଦୃଷ୍ଟିକୁ ଆଣିବାର ଥିଲା । ଅଧିକନ୍ତୁ, ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ଓକିଲଙ୍କ କର୍ତ୍ତବ୍ୟ ଥିଲା ଯେ ଏକ ନାମଞ୍ଜୁର ରାୟକୁ ଉଲ୍ଲେଖ ନକରିବା । ଏହା ନୁହେଁ ଯେ

ନିର୍ଣ୍ଣୟ ପ୍ରାଚୀନ କାଳରେ ହଜିଯାଇଛି । ଏହା ପ୍ରତିପାଦିତ ହେବା ପରଠାରୁ ବହୁ ସଂଖ୍ୟକ ମାମଲାରେ ଉଲ୍ଲେଖ କରାଯାଇଛି । ଏହା ନିକଟରେ ଅନେକ ମାମଲାରେ ଉଲ୍ଲେଖ କରାଯାଇଛି ଯେପରିକି *ଏସ୍. ଏମ୍. ଦତ୍ତ ବନାମ ଗୁଜରାଟ ରାଜ୍ୟ*, [2001] 7 ଏସ୍. ସି. ସି. 659, *ଏମ୍. ସି. ଆବ୍ରାହମ ବନାମ ମହାରାଷ୍ଟ୍ର ରାଜ୍ୟ*, [2003] 2 ଏସ୍. ସି. ସି. 649, *ଭାରତ ସଂଘ ବନାମ ପ୍ରକାଶ ପି. ହିନ୍ଦୁଜା*, [2003] 6 ଏସ୍. ସି. ସି. 195 ଏବଂ ପୂର୍ବରୁ ଅନେକ ଉଦ୍ଧୃତ ନିଷ୍ପତ୍ତିରେ *ହରିୟାଣା ରାଜ୍ୟ ବନାମ ଭଜନ ଲାଲ*, [1992] 1 ଏସୟୁପିପି ଏସ୍. ସି. ସି. 335, *ଜନତା ଦଳ ବନାମ ଏଚ୍. ଏସ୍. ଚୌଧୁରୀ*, [1992] 4 ଏସ୍. ସି. ସି. 305, *ୟୁନିଅନ୍ ଅଫ୍ ଇଣ୍ଡିଆ ବନାମ ଡବ୍ଲୁ. ଏନ୍. ଚଡ୍ଢା*, [1993] ଏସ୍ ୟୁ ପି ପି 4 ଏସ. ସି. ସି. 260 ଏବଂ *ବିହାର ରାଜ୍ୟ ବନାମ ପି. ପି. ଶର୍ମା*, [1992] ଏସ୍ ୟୁ ପି ପି 1 ଏସ. ସି. ସି. 222 । ଆମେ କେବଳ ବୃତ୍ତିଗତ ଆଚରଣର ନିମ୍ନ ମାନକୁ ନେଇ ଆମର ଦୁଃଖ ପ୍ରକାଶ କରିପାରିବା । ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟ ରଦ୍ଦ କରିଦିଆଯାଇଛି । ଆମେ ଏହି ମାମଲାକୁ *ଉଚ୍ଚ ନ୍ୟାୟାଳୟକୁ ପଠାଇ ଦେଉଛୁ, ଯାହାଦ୍ୱାରା ଏହା ନୂତନ* ଭାବେ ପିଟିସନର ବିଚାର କରିପାରିବେ ଏବଂ ଏହି ନ୍ୟାୟାଳୟର ନିର୍ଣ୍ଣୟ ଏବଂ ଅନ୍ୟ ସମସ୍ତ ପ୍ରାସଙ୍ଗିକ *ଦିଗକୁ ଧ୍ୟାନରେ ରଖି ଗୁଣବତ୍ତା ଉପରେ ନିର୍ଣ୍ଣୟ* ନେଇପାରିବେ । ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଥିବା ସମସ୍ତ ଦରଖାସ୍ତ ଯାହା ଆକ୍ଷେପିତ ରାୟ ଦ୍ୱାରା ସମାଧାନ କରାଯାଇଥିଲା, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଏହାର ମୂଳ ସ୍ଥିତିକୁ ପୁନଃସ୍ଥାପିତ ହେବ ।

ଉପରେ ଦର୍ଶାଯାଇଥିବା ସୀମା ପର୍ଯ୍ୟନ୍ତ ଆବେଦନକୁ ଅନୁମତି ଦିଆଯାଇଛି ।

କେ. କେ. ଟି                                                            ଆବେଦନକୁ ଅନୁମତି ଦିଆଯାଇଛି ।


**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"


ଅନୁବାଦିକା:
ତପସ୍ୱିନୀ ବିଶ୍ୱାଳ
ଉଚ୍ଚ ନ୍ୟାୟାଳୟ ଓଡ଼ିଶା